**PUBLICATION NAME : Ajikali**

**EDITION : Bhubaneswar**

**DATE : 24-11-2021**

**PAGE : 05**

ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଇଡ଼ିଆଇଆଇକୁ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନଜନକ 'ଉତ୍କର୍ଷ କେନ୍ଦ୍ର' ମାନ୍ୟତା ପ୍ରଦାନ

ଭୁବନେଶ୍ୱର: ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ରମରେ ଏଣ୍ଟରପ୍ରେନ୍ୟୁଅର୍ ସିପ୍ ଡେଭେଲପ୍‌ମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ)କୁ ଦେଶର କୌଶଳ ବ୍ୟବସ୍ଥା କ୍ଷେତ୍ରରେ ଭାରତ ସରକାରଙ୍କ ପକ୍ଷରୁ ଉତ୍କର୍ଷ କେନ୍ଦ୍ର (ସିଓଇ) ମାନ୍ୟତା ପ୍ରଦାନ କରାଯାଇଛି । ଏ ନେଇ କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି । ଏହି ମାନ୍ୟତା ପାଂଚ ବର୍ଷ ପାଇଁ ବଜାୟ ରହିବ । ବହୁ ସମୟ ପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠାନର ବିଭିନ୍ନ ମାନଦଣ୍ଡକୁ ଯାଂଚ କରିବା ପରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟର ଗାଇଡ୍‌ଲାଇନ୍ ଅନୁସାରେ ଏକ ଉତ୍କର୍ଷ କେନ୍ଦ୍ର ହେଉଛି ତାହା ଯାହା ଶ୍ରେଷ୍ଠ ବ୍ୟବସ୍ଥା, ନେତୃତ୍ୱ, ଗବେଷଣା ଓ ବିକାଶ ସହାୟତା, ପ୍ରଶିକ୍ଷାର୍ଥୀଙ୍କୁ



ପ୍ରଶିକ୍ଷଣ ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଉଦୀୟମାନ ପ୍ରଯୁକ୍ତିକୁ ନେଇ କୌଶଳ ତାଲିମ ପ୍ରଦାନ କରିଥାଏ । ଇଡିଆଇଆଇ ପକ୍ଷରୁ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରି କୌଶଳ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହା ଦ୍ୱାରା ନୂତନ ସଂସ୍ଥା ସୃଷ୍ଟି ହେଉଥିବା ବେଳେ ପ୍ରଶିକ୍ଷାର୍ଥୀମାନେ ନିଯୁକ୍ତି ପାଇଁ ସକ୍ଷମ ହୋଇପାରୁଛନ୍ତି । ଏ ସମ୍ପର୍କରେ ଇଡିଆଇଆଇର ଡାଇରେକ୍ଟର୍ ଜେନେରାଲ୍ ଡକ୍ଟର ସୁନିଲ୍ ଶୁକ୍ଲା କହିଛନ୍ତି ଯେ, 'ଭାରତ ସରକାରଙ୍କ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଇଡିଆଇଆଇକୁ ଉତ୍କର୍ଷ କେନ୍ଦ୍ର ମାନ୍ୟତା ପ୍ରଦାନ କରାଯିବା ଅତ୍ୟ' ଗୌରବର ବିଷୟ । ଇଡିଆଇଆଇ ପକ୍ଷରୁ ଉଦ୍ୟମିତା ବିକାଶର ପରିକଳ୍ପନା ଆରମ୍ଭ କରାଯାଇଥିଲା ଏବଂ ଯେକୌଣସି ଅନ୍ୟ ଶୃଙ୍ଖଳା ଭଳି ନିଜର ବ୍ୟବସାୟ କିଭଳି ଆରମ୍ଭ କରାଯାଇପାରିବ ତାହାକୁ ନେଇ ଉଦ୍ୟମିତା ଗଠନ ଉପରେ ଶିକ୍ଷା ପ୍ରଦାନ ଆରମ୍ଭ କରାଯାଇଥିଲା । ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ବିକାଶକୁ ଆଗକୁ ବଢ଼ାଇବାର ଶକ୍ତି ହେଉଛି କୌଶଳ ଓ ଜ୍ଞାନ ଏବଂ ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟ୍ଟରେ ଏହି ଅନୁଷ୍ଠାନ ସମାଜର ବିଭିନ୍ନ କ୍ଷେତ୍ର ଏବଂ ବର୍ଗକୁ ଲକ୍ଷ୍ୟରେ ରଖି ଉଦ୍ୟମିତାର ପରିସରରେ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ନିଶ୍ଚିତ କରାଯିବ ।'' ୨୦୨୧ ନଭେମ୍ବର ୧୫ରେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି ମୁରଲୀଧରନ୍ ର୍ୱାଣ୍ଡା-ଇଣ୍ଡିଆ ଏଣ୍ଟରପ୍ରେନ୍ୟୁଅର୍ ସିପ୍ ଡେଭେଲପ୍‌ମେଂଟ୍ ସେଂଟର୍‌କୁ ର୍ୱାଣ୍ଡାର କିଗାଲି ଠାରେ ଉଦଘାଟନ କରିଛନ୍ତି । ଇଡିଆଇଆଇ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧିନରେ ହୋଇଥିବା ରାଜିନାମା ଆଧାରରେ ଏହି ଅନୁଷ୍ଠାନକୁ ସ୍ଥାପନ କରାଯାଇଛି । ଇଡିଆଇଆଇ ପକ୍ଷରୁ ସ୍ଥାପନ କରାଯାଇଥିବା ଏହା ଷଷ୍ଠ ଆନ୍ତର୍ଜାତିକ ଇଡି କେନ୍ଦ୍ର । ପୂର୍ବରୁ କାମ୍ବୋଡିଆ, ଲାଓ ପିଡିଆର୍, ମିଆଁମାର୍, ଭିଏତନାମ୍ ଓ ଉଜବେକିସ୍ତାନ୍‌ରେ ଏଭଳି କେନ୍ଦ୍ର ସ୍ଥାପନ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକ ଲୋକମାନଙ୍କ ମଧ୍ୟରେ ଉଦ୍ୟମିତା ଭାବ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଶ୍ରୀଯୁକ୍ତ ଶୁକ୍ଲା କହିଛନ୍ତି ।